ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ସ୍ତମ୍ଭ ସାହିତ୍ୟ : ପ୍ରବାସୀ ଓଡ଼ିଆ ସ୍ତମ୍ଭକାର

**ଚନ୍ଦ୍ରିକାରାଣୀ ପଣ୍ଡା**

ସର୍ବଦା ସାହିତ୍ୟ ଜୀବନ ଏବଂ ଜଗତର ବିଭିନ୍ନ ରୂପ ତଥା ସ୍ୱରୂପକୁ ନିଜ ଭିତରେ ଧରି ଏକ ବର୍ଣ୍ଣିଳ ସାରସ୍ୱତ ଆକାରରେ ଆକାରିତ । ଏହି ବର୍ଣ୍ଣିଳତା ଆସେ ପୁଣି ସାରସ୍ୱତ ସ୍ରଷ୍ଟାଙ୍କର ସମ୍ପ୍ରସାରିତ ଭାବବୋଧ ଏବଂ ଅନୁଭୂତିର ଗଭୀରତାକୁ ଆଧାର କରି । ଏହି ଅନୁଭୂତି ପୁଣି ଦୁଇ ପ୍ରକାରର ଯଥା :- ପ୍ରତ୍ୟକ୍ଷ ଏବଂ ପରୋକ୍ଷ । ଏ ଭିତରୁ ପ୍ରତ୍ୟକ୍ଷ ଅନୁଭୂତିକୁ କେନ୍ଦ୍ର କରି ଯେଉଁ ସାହିତ୍ୟ ସୃଷ୍ଟି ହୁଏ ତାହା ହୁଏ ଜୀବନ୍ତ ଏବଂ ପ୍ରାଣସ୍ପର୍ଶୀ । ଏହି ପ୍ରତ୍ୟକ୍ଷ ସ୍ରଷ୍ଟାମାନଙ୍କ ଭିତରେ ପ୍ରବାସରେ ରହି ସାହିତ୍ୟ ସୃଷ୍ଟି କରୁଥିବା ସୃଜନ ସ୍ରଷ୍ଟାମାନେ ସର୍ବାଗ୍ରେ ସ୍ମରିତ । କାରଣ ପ୍ରବାସରେ ଥିଲେ ହିଁ ବେଶି ବେଶି ମନେପଡ଼େ ମାଆ, ମାଟି ଏବଂ ମାତୃଭୂମି କଥା । ଯଦି ଏହି ମନେପଡ଼ିବା ସଂଘଠିତ ହୁଏ କୌଣସି ପ୍ରବାସସ୍ଥିତ ସୃଜନ ସ୍ରଷ୍ଟାଙ୍କ ମାନସପଟରେ ତେବେ ଏହା ସାହିତ୍ୟର ବିଭିନ୍ନ ପ୍ରାରୂପ ମଧ୍ୟ ଦେଇ ପରିପ୍ରକାଶ ଲାଭ କରେ । ସୁତରାଂ ପ୍ରବାସୀ ସାହିତ୍ୟର ଭିତ୍ତିଭୂମି ଯଦିଓ ବହୁ ପୁରାତନ ମାତ୍ର ସାହିତ୍ୟର ଆଲୋଚନାରେ ଅଧୁନା ଏହା ଏକ ନୂତନ ଆବିଷ୍କରଣ । ତେଣୁ ଏହାର ଅବବୋଧ ଏବଂ ସୀମା ସମ୍ଭାବନା ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି ।

### (୧) 'ପ୍ରବାସୀ' ସାହିତ୍ୟର ଅବବୋଧ :

'ପ୍ରବାସୀ' କହିଲେ ଆମେ ଜାଣୁ ଯେଉଁମାନେ ଘର କିମ୍ବା ମାତୃଭୂମିଠାରୁ କୌଣସି କାରଣରୁ ଦୂରରେ ରୁହନ୍ତି ବା କିଛିକାଳ ପାଇଁ ଅନ୍ତର ରହିଥାନ୍ତି । ଇଂରାଜୀରେ ଏହାର ପ୍ରତିଶବ୍ଦ ହେଉଛି 'Expatriate' ଯାହାର ଅର୍ଥ ସ୍ୱଦେଶତ୍ୟାଗୀ । ଇଂରାଜୀରେ ଏହାର ସଂଜ୍ଞା ହେଉଛି :- "An expatriate or emigrant; someone who lives away from their home or homeland." (www.macmillandictionary.com)

ମାତ୍ର 'ପ୍ରବାସୀ'ର ସମର୍ଥ ପ୍ରତିଶବ୍ଦ ରୂପେ ଆମେ 'Diaspora'କୁ ହିଁ ମୂଳତଃ ମାନିଥାଉ । ଏହି Diaspora ଶବ୍ଦଟି ହେଉଛି ଗ୍ରୀକ୍ ଶବ୍ଦ । ଏହାର ଅର୍ଥ Dispersion or Scattering ଅର୍ଥାତ୍ ବିସ୍ତାର ବା ବିଛାଇବା । ଯେତେବେଳେ ଆମେ 'Diaspora' ଶବ୍ଦର ଇତିହାସକୁ ଆଉଟିକେ ନିକଟରୁ ଅନୁଧ୍ୟାନ କରୁ ସେତେବେଳେ ଆଉ ଏକ ନୂତନ ତଥ୍ୟ ଆମର ଦୃଷ୍ଟିଗୋଚର ହୁଏ । ଯେତେବେଳେ ଖ୍ରୀ.ପୂ ୫୮୬ରେ ବାବିଲୋନ ବନ୍ଦୀ (Babylonian Exile) ହେଲା ସେତେବେଳେ ଯିହୁଦୀ ଲୋକମାନେ ବାବିଲୋନର ନିର୍ବାସନରୁ ଫେରିଯାଇଥିଲେ ଜେରୁଜେଲମ ଏବଂ ଏମାନଙ୍କ ମଧ୍ୟରେ ଥିଲେ ବାବିଲୋନ, ମିଶର, ସିରିଆ, ଗ୍ରୀସ୍ ଏବଂ ରୋମ୍ ପରି କେତେକ ଭୂମଧ୍ୟସାଗରୀୟ ତଥା ନିକଟ ପୂର୍ବାଂଚଳର ଯିହୁଦୀ ସମ୍ପ୍ରଦାୟର ବିଛୁରିତ ଗୋଷ୍ଠୀ ଏହି Scattering ବା ବିଛୁରିତ ମିଶ୍ର ସମ୍ପ୍ରଦାୟର ଯେଉଁ ପ୍ରଜାତି ଯାଇ ଜେରୁଜେଲମରେ ନିଜର ବସତି ସ୍ଥାପନ କଲେ ସେହିମାନଙ୍କ ଉଦ୍ଦେଶ୍ୟରେ ହିଁ ପ୍ରଥମେ Diaspora ଶବ୍ଦଟି ବ୍ୟବହୃତ ହୋଇଥିଲା । ପରେ ପରେ ଏହା ବିଶ୍ୱ ଭୂଖଣ୍ଡର ପ୍ରତ୍ୟେକ ସ୍ଥାନାନ୍ତରିତ ଜାତି ପରିପ୍ରେକ୍ଷୀରେ ବ୍ୟବହାର କରାଗଲା । ଏବଂ ଏହି ଧରଣର ସବୁ ମାତୃଭୂମି ବିରହିତ ଜାତିମାନେ ଯେତେବେଳେ ନିଜ ସ୍ୱ-ବାସ ବା ସ୍ୱ-ଭୂମ ଦୂରେଇ ରହିଲେ ସେତେବେଳେ ସେମାନେ ମାତୃଭୂମି ନିମନ୍ତେ ହେଲେ ଅଧିକ ସମ୍ବେଦନଶୀଳ ଆବେଗିକ ସ୍ତରରେ । ଯାହାର ନିଖୁଣ ଆରୋପଣ ପରିଲକ୍ଷିତ ହେଲା ଉକ୍ତ ପ୍ରବାସୀ ଲେଖକମାନଙ୍କ ନାନାବିଧ କୃତି ମାଧ୍ୟମରେ । ତେବେ ଏହି ଦୃଷ୍ଟିରୁ ଦେଖିଲେ ପ୍ରବାସୀ ଲେଖକଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ଭାବାତ୍ମକ ତଥା ଆତ୍ମିକ ମାନଦଣ୍ଡରେ ଅଧିକ ଶକ୍ତିଶାଳୀ ।

ତେବେ ଏହି ନ୍ୟାୟର ବିଚାରକଲେ ପ୍ରବାସରେ ରହୁଥିବା ସାରସ୍ୱତ ସ୍ରଷ୍ଟା ପ୍ରତ୍ୟକ୍ଷ ଭାବେ ମନେହୁଅନ୍ତି ଅଧିକ ସ୍ପର୍ଶକାତର ନିଜର ଦେଶ ପାଇଁ, ମାଟି ପାଇଁ, ମାତୃଭୂମି ପାଇଁ କାରଣ ଏସବୁ ଠାରୁ ଦୂରେ ରହି ହିଁ ସେ ହୁଅନ୍ତି ଅଧିକ ମାଟି ମନସ୍କ । ଯାହା ସେମାନଙ୍କ ସାହିତ୍ୟର ବିଭିନ୍ନ ବିଭାଗ ଯଥା:- କବିତା, ଗପ, ଉପନ୍ୟାସ, ପ୍ରବନ୍ଧ, ସ୍ତମ୍ଭ ଇତ୍ୟାଦିରେ ରୂପପାଏ । ମୁଖ୍ୟତଃ ଏହି ଧରଣର ସାହିତ୍ୟ ଅର୍ଥାତ୍ ପ୍ରବାସରେ ରହି ସ୍ରଷ୍ଟା ଯେଉଁ ସାହିତ୍ୟ ସୃଷ୍ଟି କରନ୍ତି ଉକ୍ତ ସାହିତ୍ୟକୁ ପ୍ରବାସୀ ସାହିତ୍ୟ (Diasporic Literature) କହିଥାଉ ।

ମାତ୍ର ଇଂରାଜୀରେ ପ୍ରବାସୀ ସାହିତ୍ୟ (Diasporic Literature)ର ସଂଜ୍ଞା ହେଉଛି :- "A simple definition of diaspora literature, then, would be works that are written by authors who live outside their native land.The term identifies a work's distinctive geographical origins. But diaspora literature may also be defined by it's contents. regardless of where it was written.

" (https://www.oercommons.org>lesson )

ଅର୍ଥାତ୍ ପ୍ରବାସୀ ସାହିତ୍ୟ (Diasporic Literature) ର ଏକ ସରଳ ତଥା ମାର୍ଜିତ ପରିଭାଷା ହେଉଛି ଯେଉଁ ସାହିତ୍ୟକୃତି ଗୁଡ଼ିକ ଲେଖକ ନିଜ ମାତୃଭୂମି ଠାରୁ ଦୂରରେ ରହି ଲେଖିଥାନ୍ତି ଯଦ୍ୱାରା ତାଙ୍କର ଭୌଗଳିକ ସ୍ଥିତି ଜାଣିହୁଏ । ମାତ୍ର କୃତିଟି କେଉଁଠି ରଚିତ ତାହା ଉପରେ ଧ୍ୟାନ ନଦେଇ ବିଷୟବସ୍ତୁ ଆଧାରରେ ମଧ୍ୟ ଏହାର ବିଚାର କରାଯାଇପାରେ ।

ଏହି ପ୍ରବାସୀ ସାହିତ୍ୟକୁ ନେଇ ସାହିତ୍ୟର ଜଗତରେ ନାନା ଆଲୋଡ଼ନ ଥିବା ସ ତ୍ତ୍ୱେ ବିଭିନ୍ନ ଜାତୀୟ ତଥା ଆର୍ନ୍ତଜାତୀୟ ଭାଷାକୋଷ ଆଧାରରେ ଯଦି ବିଚାର କରାଯାଏ ତେବେ କେତେଗୁଡ଼ିଏ ମୌଳିକ ବୈଶିଷ୍ଟ୍ୟକୁ ନେଇ ପ୍ରବାସୀ ସାହିତ୍ୟର ଅବଧାରଣାକୁ ସ୍ପଷ୍ଟ କରାଯାଇପାରେ । ଯଥା :- (i)-Fight to Survive ଅର୍ଥାତ୍ ବଂଚିବା ପାଇଁ ସଂଗ୍ରାମ କରିବା (ii)-Self–realization ଅର୍ଥାତ୍ ଆତ୍ମ-ଅବବୋଧ (iii)-Self-knowledge ଅର୍ଥାତ୍ ଆତ୍ମଜ୍ଞାନ (iv) Self-definition ଅର୍ଥାତ୍ ଆତ୍ମପରିଚୟ । ପ୍ରବାସରେ ଏହି ପାଂଚଟି ମୌଳିକ ବୈଶିଷ୍ଟ୍ୟ ତାଙ୍କୁ ମାତୃଭୂମିକୁ ନେଇ ସୃଜନ ମନସ୍କ କରେ ।

ତେଣୁ ଆମେ କହିପାରିବା ପ୍ରବାସରେ ଥାଇ ନିଜର ସ୍ୱ-ବାସ,ସ୍ୱ-ଭୂମି,ସ୍ୱ-ଦେଶ,ସ୍ୱ-ରାଜ୍ୟ ଏବଂ ଏହା ବ୍ୟତିରେଖ ଜନ୍ମଭୂମିର ଯେକୌଣସି ସ୍ୱ-ବସ୍ତୁର ସ୍ମୃତିଚାରଣରେ ହେଉ ଅଥବା କର୍ତ୍ତବ୍ୟପରାୟଣ ହେଇ ହେଉ ସ୍ରଷ୍ଟା ଯେଉଁ ସାହିତ୍ୟ ସୃଷ୍ଟି କରନ୍ତି । ତାହାକୁ ଅନୁରୂପେ (Diasporic Literature) କୁହାଯାଏ । ଏହି ଧରଣର କୃତିର ମୂଳ ବୈଶିଷ୍ଟ୍ୟ ହେଉଛି ଏଥିରେ ଜାତି ପ୍ରତି ମମତ୍ୱବୋଧ ପ୍ରତିଫଳିତ । ବ୍ୟକ୍ତିର ଜାତୀୟ ପ୍ରୀତିରୁ ହିଁ ପ୍ରବାସୀ ସାହିତ୍ୟର ଉନ୍ମେଷ । ତେଣୁ ପ୍ରବାସୀ ସାହିତ୍ୟର ପ୍ରାରୂପ ଯାହା ବି ହେଉ ଏଥିରେ ଜାତି ତଥା ଜାତୀୟ ଜୀବନ ନିମନ୍ତେ ଆବେଗ ଏବଂ ଯତ୍ନଶୀଳତା ପ୍ରତିଫଳିତ ପରିଲକ୍ଷିତ ଏକ ମୁଖ୍ୟ ପ୍ରସଙ୍ଗ ।

## (୨) ସ୍ତମ୍ଭ ସାହିତ୍ୟର ପ୍ରାରମ୍ଭିକ ପରିକ୍ରମଣ

ସ୍ତମ୍ଭ ହେଉଛି ଏକ ଅନ୍ୟତମ ପ୍ରମୁଖ ତଥା ଅଣ-ଆଲୋଚିତ ପ୍ରମୁଖ ବିଭାଗ । ଯାହା ସାମାଜିକ ଜୀବନର ଏକ ଅନ୍ତରଙ୍ଗ ପ୍ରତିଫଳକ ରୂପେ କାର୍ଯ୍ୟକରେ । ସ୍ତମ୍ଭ ରଚନାରେ ବିଶ୍ୱ ସମାଜ ତଥା ବିଶ୍ୱ ଜୀବନର ଏକ ବୃହତ୍ତର ଦିଗ ପ୍ରତିଫଳିତ ହୋଇଥାଏ ।

ପ୍ରତ୍ୟେକ ସମୟର ସ୍ତମ୍ଭ ସେହି ସମୟର ସମାଜର ଏକ ପ୍ରତିକୃତି ସଦୃଶ । ଯାହା ଭିତରେ ଥାଏ ସମାଜର ନାନାବିଧ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସେହି ଦୃଷ୍ଟିରୁ ଦେଖିଲେ ସ୍ତମ୍ଭ ହେଉଛି ଏକ ପ୍ରମୁଖ ସାହିତ୍ୟ, ଯେଉଁଥିରେ ଭାବପ୍ରବଣତା ନଥାଏ, ବୌଦ୍ଧିକତା ନ ଥାଏ, କିମ୍ବା ଅତି କଳ୍ପନା ପାଇଁ ଅବକାଶ ନଥାଏ । ତେଣୁ ସ୍ତମ୍ଭ ସାମାଜିକ ଆବେଗ-ଆବେଦନ ବହନ କରୁଥିବା ପ୍ରତିକ୍ରିୟାତ୍ମକ ସାହିତ୍ୟ ଏବଂ ଏହି ସ୍ତମ୍ଭ ରଚନା କରୁଥିବା ପ୍ରବାସୀ ସ୍ତମ୍ଭକାରଙ୍କର ପ୍ରବାସର ପ୍ରତ୍ୟେକ୍ଷ ଅନୁଭବ ଯେତେବେଳେ ସ୍ତମ୍ଭରେ ପରିଲକ୍ଷିତ ହୁଏ ଏହା ହୁଏ ଅଧିକ ପ୍ରାମାଣିକ ଏବଂ ସାମାଜିକ ହିତସାଧକ । ଏହା ସର୍ବଦା ନୂତନ ତଥ୍ୟ, ଯୁକ୍ତି ଏବଂ ସମସ୍ୟା ସମାଧାନର ସୂତ୍ରକୁ ଆଧାର ଆତ୍ମପ୍ରକାଶ କରିଥାଏ । ପରିମିତ ଭୂମି ଉପରେ ଏହାର ପରିକଳ୍ପନା ମାତ୍ର ମଣିଷ ଜୀବନ ତଥା ମଣିଷ ସମାଜର ବିଶାଳ ଦିଗ ଉପରେ ଏହାର ରହିଛି ଏକ ସୁଦୂର ପ୍ରସାରୀ ପ୍ରଭାବ । ମାତ୍ର ଏହି ସ୍ତମ୍ଭ ଏକ ସ୍ୱତନ୍ତ୍ର କାୟା ଧାରଣ କରିବା ପୂର୍ବରୁ ଏହା ପ୍ରଚ୍ଛଦରେ ରହିଛି ଏକ ନବଜାଗରଣ (Renaissance) ଅଥବା ବିବର୍ତ୍ତନର ଇତିହାସ ।

ସଂକ୍ଷେପରେ କହିଲେ ଯଦିଓ ଖବରକାଗଜ ପ୍ରକାଶନୀ ପରେ ଏହି ମାଟି ଉପରେ ଦଣ୍ଡାୟମାନ ସ୍ତମ୍ଭ ସାହିତ୍ୟ । କିନ୍ତୁ ଓଡ଼ିଶାରେ ପ୍ରାକ୍-ଖବରକାଗଜ ସମୟରୁ ହିଁ ଏହି ସ୍ତମ୍ଭ ପରି ଏକ ସ୍ୱତନ୍ତ୍ର ରଚନା ଶୈଳୀ ଭିତ୍ତିକ ସାହିତ୍ୟ ପାଇଁ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ କେତେକ ପ୍ରମୁଖ ପତ୍ରିକାର ସମ୍ପାଦକଗଣ ଯଥା :- 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କର 'ଉତ୍କଳ ଦୀପିକାର'ର

ଗୌରୀଶଙ୍କର ରାୟ, 'ପ୍ରଜାବନ୍ଧୁ' ଏବଂ 'ଉତ୍କଳମଧୁପ'ର ନୀଳମଣି ବିଦ୍ୟାରତ୍ନ, 'ସମ୍ବଲପୁର ହିତୈଷିଣୀ'ରାଜା ସାର୍ ବାସୁଦେବ ସୁଢଳ ଦେବ,'ଉତ୍କଳ ପୁତ୍ର'ର ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରମୁଖ । ଯଦିଓ ସମ୍ପାଦକୀୟ 'ସ୍ତମ୍ଭ' ନୁହେଁ । ମାତ୍ର ସ୍ତମ୍ଭ ରୂପକ ଏକ ସ୍ୱତନ୍ତ୍ର ରୂପ ରହିତ ସାହିତ୍ୟର ଉଦ୍‌ଘାଟନ ମୂଳରେ ରହିଛି ଏହି ମାନଙ୍କର ପ୍ରାଥମିକ ଅବଦାନ । ଯଦିଓ ଏକ ନିର୍ଦ୍ଦିଷ୍ଟ ନାମ, ଶୃଙ୍ଖଳା ତଥା ନିୟମଭିତ୍ତିକ ରଚନା ହେଉଛି 'ସ୍ତମ୍ଭ' ମାତ୍ର ଏଥିରେ ଗଣଜୀବନର ଏକ ବୃହତର ଦିଗ ପ୍ରତିଫଳିତ ହୋଇଥାଏ । ଆମେ କହିପାରିବା ସ୍ତମ୍ଭ ହେଉଛି ଏକ ଗଣଭିତ୍ତିକ ସାହିତ୍ୟ । ଏହା ଏକ ଅନ୍ତରଙ୍ଗ ଉପସ୍ଥାପନା ଶୈଳୀକୁ ନେଇ ଆତ୍ମପ୍ରକାଶ କରିଥାଏ ।

ଦୈନିକ ଖବରକାଗଜ ପ୍ରକାଶନ ସହ ବିଶେଷ ଭାବେ ସ୍ତମ୍ଭର ଜନ୍ମ ଲଗ୍ନ ଜଡ଼ିତ । ଦୈନିକ ଓଡ଼ିଆ ଖବରକାଗଜ ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ 'ସମାଜ' ପ୍ରକାଶିତ ହେଲା । ଏଥିରେ ଗୋପବନ୍ଧୁଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା 'ସମାଜ'କୁ ଗଢ଼ିବା । ସେହି ମୂଳମନ୍ତ୍ରକୁ ପାଥେୟ କରି ତାଙ୍କର ପରବର୍ତ୍ତୀ ଦାୟାଦମାନେ ସେହି ପ୍ରୟାସ ଏଯାବତ୍ ଜାରି ରଖିଛନ୍ତି । ଏହି 'ସମାଜ' ସମ୍ବାଦପତ୍ରଟି ହିଁ ସର୍ବପ୍ରଥମେ ଏକ ଅନୁକୂଳ ବାତାବାରଣ ସୃଷ୍ଟି କଲା ସମ୍ବାଦପତ୍ରରେ ସ୍ତମ୍ଭଧର୍ମୀ ଲେଖାମାନ ପ୍ରକାଶ ପାଇବା ନେଇ । ଯଦିଓ ପ୍ରାଥମିକ ଅବସ୍ଥାରେ ସ୍ତମ୍ଭର ଆକାର ଅଲଗା ଥିଲା, ରୂପ ଅଲଗା ଥିଲା କିନ୍ତୁ ପରେ ପରେ ଏହା ଏକ ସ୍ୱତନ୍ତ୍ର ତଥା ପରିମାର୍ଜିତ ରୂପ ଧାରଣ କଲା । ଏହାର ପରିସୀମା ତଥା ଆକାରରେ ସୀମାବଦ୍ଧତା ଦେଖାଦେଲା ।

ସ୍ତମ୍ଭର କଳେବର ଏବଂ ସ୍ୱତନ୍ତ୍ରତାର ପ୍ରସଙ୍ଗରେ ଭ୍ରମ ସୃଷ୍ଟି ହେବା ସ୍ଥଳେ 'ଶେଷସ୍ତମ୍ଭ'ର ସ୍ତମ୍ଭକାର ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ' ପୁସ୍ତକସ୍ଥ ଭୂମିକାରୁ କିଛି ଉକ୍ତି ଏଠାରେ ଉଦ୍ଧାର କରାଯାଇ ଉକ୍ତ ଭ୍ରମକୁ ସଂକୁଚିତ କରାଯାଇପାରେ । ଯାହା ସେ ସମ୍ବାଦ ଖବରକାଗଜ ପୃଷ୍ଠାରେ ପ୍ରକାଶିତ ତାଙ୍କ ଶେଷସ୍ତମ୍ଭ ଶୀର୍ଷକ ସମ୍ପର୍କରେ ମତ ପୋଷଣ କରି କହିଛନ୍ତି । ସେ କହୁଛନ୍ତି :- "ସାହିତ୍ୟ ପୃଷ୍ଠାର ପ୍ରଥମ ସଂଖ୍ୟାରେ ହଠାତ୍ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଗଦ୍ୟ ଲେଖାଟିଏ ପ୍ରୟୋଜନ ପଡ଼ିଲା । ମୋର ସହକାରୀ ମତେ ଆସି କହିଲେ," ଏତେ ଛୋଟ ଗଦ୍ୟ ଲେଖାଟିଏ ବା କାହିଁ? ବରଂ କବିତାଟିଏ ଦେଇ ଦେଉଛି ।" ମୁଁ ତାଙ୍କୁ ଉତ୍ତର ଦେଲି ମୋ, "ମୋର ନିଷ୍ପତ୍ତି ଅପରିବର୍ତ୍ତନୀୟ । କବିତାଟିଏ ଶୂନ୍ୟସ୍ଥାନ ପୂରଣ ପାଇଁ ସେଠାରେ ଛପାଇ ଦେଲେ, କବିତାର ଅମର୍ଯ୍ୟାଦା ହେବ ।" ସହକାରୀ କହିଲେ, "ତାହାଲେ ଆପଣ ସେହି ସ୍ଥାନ ପାଇଁ ଲେଖାଟିଏ ଦିଅନ୍ତୁ ।"

('ଶେଷସ୍ତମ୍ଭ' ପୁସ୍ତକର ଭୂମିକାରୁ ଗୃହୀତ)

ଅର୍ଥାତ୍ ଏଥିରୁ ସ୍ପଷ୍ଟ ଖବରକାଗଜରେ ଆଠ / ଦଶ କଲମ ଇଂଚ ସ୍ଥାନ ପାଇଁ ଯେଉଁ ଗଦ୍ୟ ଲେଖାଟି ପ୍ରକାଶପାଏ ତାହା ହିଁ ପ୍ରକୃତରେ ସ୍ତମ୍ଭର ପଦବାଚ୍ୟ । ପୁନଶ୍ଚ ସେ 'ଶେଷସ୍ତମ୍ଭ' ଭୂମିକାରେ କହୁଛନ୍ତି :- "ସମାଲୋଚକମାନେ 'ଶେଷସ୍ତମ୍ଭ'ର ଲେଖାଗୁଡ଼ିକୁ କେଉଁ ଶ୍ରେଣୀ (Genre) ରୂପେ ଗ୍ରହଣ କରିବେ, ତାହା କହିବା ମୋ ପକ୍ଷରେ କଠିନ । ଏସବୁ ପ୍ରବନ୍ଧ ବା ମିତ-ପ୍ରବନ୍ଧ ନୁହେଁ । କାରଣ ଏଥିରେ କୌଣସି ତତ୍ତ୍ୱକୁ ପ୍ରତିପାଦିତ କରିବାର ଉଦ୍ୟମ ନାହିଁ । ଏସବୁ ମଧ୍ୟ ରମ୍ୟରଚନା ଶ୍ରେଣୀର ନୁହେଁ । କାରଣ ଏଥିରେ ରମ୍ୟତା ବା ଚଟୁଳତାର ଘୋର ଅଭାବ ।"

('ଶେଷସ୍ତମ୍ଭ' ପୁସ୍ତକର ଭୂମିକାରୁ ଗୃହୀତ)

ଯେଉଁଥିରୁ ସ୍ତମ୍ଭ ସମ୍ପର୍କିତ ଆମର ଅବଧାରଣା ସ୍ପଷ୍ଟ ହୁଏ । ଆଲୋଚକ ବେଣୁଧର ପାଢ଼ୀ 'ସ୍ତମ୍ଭ ରଚନାର କଳା' ଶୀର୍ଷକ ପ୍ରବନ୍ଧରେ କୁହନ୍ତି ଯେ କି:- "ସ୍ତମ୍ଭ ହେଉଛି ଏକ ପରିମିତ,ଶୃଙ୍ଖଳିତ ଏବଂ ଏକ ପ୍ରସଙ୍ଗ ଭିତ୍ତିକ ନିର୍ଦ୍ଦିଷ୍ଟ ରଚନା, ଯାହା ଏକ ସ୍ୱତନ୍ତ୍ର ଆବେଦନକୁ ଉପସ୍ଥାପିତ କରିଥାଏ ।" ('ପ୍ରାୟୋଗିକ ଭାଷା ଓ ସୃଜନ କ୍ରିୟା'-ବେଣୁଧର ପାଢ଼ୀ-ପୃ-୨୫୭)

ଇଂରାଜୀରେ ସ୍ତମ୍ଭର ସଂଜ୍ଞା ହେଉଛି:- "A Column is a recurring piece or article in a newspaper,magazine or other publication where a writer expresses there own opinion in few columns allotted to them by the newspaper organization."

ଖବର କାଗଜ ପୃଷ୍ଠାରେ ବାହାରୁ ଥିବା ସ୍ୱତନ୍ତ୍ର ଆଲେଖ୍ୟକୁ ଆମେ ଓଡ଼ିଆରେ ମୁଖ୍ୟତଃ ସ୍ତମ୍ଭ ରୂପେ ଅଭିହିତ କରିଥାଉ । ଏହାର ଇଂରାଜୀ ପ୍ରତିଶବ୍ଦ ରୂପେ ଆମେ 'Column' କୁ ବୁଝୁ । ସର୍ବପ୍ରଥମେ ଏହି ଶବ୍ଦଟି ଖ୍ରୀଷ୍ଟପୂର୍ବ ୧୨ଶହ ଶତାବ୍ଦୀରେ ପୁରାତନ ଫ୍ରାନ୍ସ ଶବ୍ଦ 'Colomb'ରୁ ଉତ୍ପତ୍ତି ଲାଭ କରିଥିଲା ଏହାର ଅର୍ଥ ସମ୍ବାଦପତ୍ରରେ ଉପରୁ ତଳକୁ ଖମ୍ବାକୃତି ରୂପେ ଲେଖା ଯାଉଥିବା ଲେଖାର ବିନ୍ୟାସ ସମାନ୍ତର (Horizontal) ନ ହୋଇ ହୋଇଥାଏ ଶୃଙ୍ଖଳିତ (Vertical) ଭାବେ ଉପସ୍ଥାପିତ ହୋଇଥାଏ । ସ୍ତମ୍ଭ ହେଉଛି ଖବରକାଗଜରେ ଆବଶ୍ୟକୀୟ ତଥ୍ୟକୁ ନେଇ ବାହାରୁ ଥିବା ଲେଖା । ଏହାକୁ ଥାଏ ଏକ ସୁନିର୍ଦ୍ଦିଷ୍ଟ ବିଷୟ । ଯେଉଁଥିରେ ନିଜସ୍ୱ ମତ ରଖିବାର ଅଧିକାର ଥାଏ ସ୍ତମ୍ଭକାରଙ୍କର । ଏହି ପରିପ୍ରେକ୍ଷୀରେ

ଏକଦା 'ସ୍ତମ୍ଭ ହିଁ ମାଧ୍ୟମ' ଶୀର୍ଷକରେ ବାଂଛାନିଧି ମହାନ୍ତି କହିଥିଲେ ସମ୍ବାଦପତ୍ରରେ ସାହିତ୍ୟିକ ଛଟାରେ ନିଜ ଭାବଧାରା ପରିବେଷଣର ଇତିହାସ ସ୍ରଷ୍ଟା ହରେକୃଷ୍ଣ ମହାତାବ ଓ ନିତ୍ୟାନନ୍ଦ ମହାପାତ୍ର । ଏମାନେ ସର୍ବଭାରତୀୟ ସ୍ତରରେ ସ୍ତମ୍ଭ ଲେଖକ ଗିରିଧର ଜୈନ, ଚଂଚଳ ସରକାର, କୁଲଦିପ୍ ନାୟାର, ଆଦିଙ୍କର ପଦାଙ୍କ ଯେ ଅନୁସରଣ କରିଛନ୍ତି ଏଥିରେ ସନ୍ଦେହ ନାହିଁ । ଆମେ ଜାଣିଛନ୍ତି ସ୍ତମ୍ଭ ସର୍ବଦା ଏକ ସାମାଜିକ ଆବେଦନକୁ ବହନ କରିଥାଏ । ସ୍ତମ୍ଭରେ କଳ୍ପନା ନଥାଏ, ଛଳନା ନଥାଏ ଥାଏ ସତ୍ୟର ପରିପ୍ରକାଶ । ବାଂଛାନିଧି ମହାନ୍ତିଙ୍କ ସ୍ତମ୍ଭର ସଂଜ୍ଞା ନିରୂପଣ କରିନାହାନ୍ତି ସତ ମାତ୍ର ତାଙ୍କ ପରୋକ୍ଷ ଉକ୍ତିରୁ ଉପଲବ୍ଧି କରିହୁଏ ଯେ ସେ ସ୍ତମ୍ଭ କହିଲେ ମୁଖ୍ୟତଃ ବୁଝାଯାଏ ସାହିତ୍ୟିକ ଛଟାରେ ସତ୍ୟର ପରିପ୍ରକାଶ କରିବା ନିମନ୍ତେ ରଚିତ ସାହିତ୍ୟ ଯାହା ସମ୍ବାଦପତ୍ରରେ ହିଁ ପ୍ରକାଶିତ ହୋଇଥିବ ଏବଂ ସମ୍ବାଦପତ୍ରରେ ପ୍ରକାଶ ପାଇବା ପାଇଁ ଏହା ଉଦ୍ଦିଷ୍ଟ ତଥା ସମ୍ବାଦପତ୍ର ନିମନ୍ତେ ଉକ୍ତ ସାହିତ୍ୟର ପରିକଳ୍ପନା । ସୁତରାଂ ଉକ୍ତ ସ୍ୱତନ୍ତ୍ର ଧରଣର ସାହିତ୍ୟର ନାମ ସ୍ତମ୍ଭ ।

ଗୋଟିଏ ଖବରକାଗଜର ଗୋଟିଏ ପୃଷ୍ଠାର ଏକ ତୃତୀୟାଂଶ ଜାଗାରୁ ଅଧିକ ଜାଗା ନଥାଏ ସ୍ତମ୍ଭ ପାଇଁ । ସ୍ତମ୍ଭ ସର୍ବଦା ସଂକ୍ଷିପ୍ତ ହେବା ସହ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଭିତ୍ତିକ ହୋଇଥାଏ । ଖବରକାଗଜର ପ୍ରସାରକୁ ଆଖିରେ ରଖି ଦେଖିଲେ ସ୍ତମ୍ଭ ସାହିତ୍ୟର ପାଠକ ସଂଖ୍ୟା ଅଧିକ ଅନ୍ୟାନ୍ୟ ସାହିତ୍ୟ ଠାରୁ । ଏହାର ପ୍ରଭାବ ଶକ୍ତିଶାଳୀ । ଯାହାଫଳରେ ଅନେକ ସମୟରେ ସ୍ତମ୍ଭକାରଙ୍କୁ ଧମକପୂର୍ଣ୍ଣ ମନ୍ତବ୍ୟ ମଧ୍ୟ ଶୁଣିବାକୁ ପଡ଼େ । ଯାହାର ନମୁନା ଆମେ ନିମ୍ନୋକ୍ତ ଉଦ୍ଧୃତିରେ ଦେଖିପାରିବା । ଯେମିତିକି 'ସମାଜ' ଖବରକାଗଜରେ ଝିଟିପିଟି ଛଦ୍ମନାମରେ ରାଧାନାଥ ରଥ 'ଝିଟିପିଟି କହେ' ସ୍ତମ୍ଭ ରଚନା କରୁଥିଲେ ଯେଉଁଥିପାଇଁ ତାଙ୍କୁ ଅନେକ ଥର ହତ୍ୟା ଧମକ ଶୁଣିବକୁ ହେଇଛି । ଏକଦା ସେ ବୁର୍ଲା ଇଂଜିନିୟରିଂ କଲେଜ ଛାତ୍ରମାନଙ୍କ ହତ୍ୟାକାଣ୍ଡର କାହାଣୀ ସେ 'ସମାଜ'ରେ ପ୍ରକାଶ କରିଥିବାରୁ ତାଙ୍କୁ ଏପରି ଶୁଣିବାକୁ ହୋଇଥିଲା:-

"ପ୍ରାପ୍ତି ସ୍ୱୀକାର ତା ୩୦/୦୭/୮୪

ରାଧାନାଥ ବାବୁ,

ଆପଣଙ୍କ 'ସମାଜ' ପଢ଼ି ମୁଁ ନିମ୍ନଲିଖିତ ଚେତାବନୀ ଆପଣଙ୍କୁ ଦେବାକୁ ଉଚିତ୍ ମନେ କରୁଛି ଗତ କିଛିଦିନ ହେଲା ବୁର୍ଲା ଘଟଣାକୁ ଅପପ୍ରଚାର କରି ଆମ ଦଳର ଭାବମୂର୍ତ୍ତିକୁ ନଷ୍ଟ କରୁଛନ୍ତି । ଆସନ୍ତା ନିର୍ବାଚନରେ ଶାସକ ଦଳକୁ ଗାଦିଚ୍ୟୁତ କରିବାକୁ ଯେଉଁ ଚକ୍ରାନ୍ତ ଆପଣ କରୁଛନ୍ତି ତା'ର ଠିକଣା ଜବାବ ଦିଆଯିବ ଠିକଣା ସମୟରେ । ଏ ପତ୍ର ପାଇବାର ୫ ଦିନ ଭିତରେ ଆମ ଦଳ ବିରୁଦ୍ଧରେ ପ୍ରଚାର ବନ୍ଦ ନକରନ୍ତି ତେବେ ଆପଣଙ୍କ ମର ଶରୀରରକୁ ମଧ୍ୟ ଆପଣଙ୍କ ବଂଶଧରମାନେ ଦେଖିବାକୁ ପାଇବେ ନାହିଁ ।"

('ଝିଟିପିଟି କହେ'-ପ୍ରମୋଦ କୁମାର ମହାପାତ୍ର (ସଂ), ପୃ - ୪୦୨)

ତେବେ ସ୍ତମ୍ଭ ସାହିତ୍ୟର ସୂତ୍ରଧର ରୂପେ ଆମେ ଯାହାଙ୍କୁ ପ୍ରଥମେ ସ୍ମରଣ କରୁ ସେ ହେଉଛନ୍ତି ଗୋପବନ୍ଧୁ ଦାସ । ସର୍ବପ୍ରଥମେ ସେ ନିଜର ସ୍ୱପ୍ରକାଶିତ 'ସମାଜ' ଖବରକାଗଜରେ ଜାତୀୟତା, ଶିକ୍ଷା ଓ ରାଜନୀତି ଆଦି ପ୍ରସଙ୍ଗକୁ କେନ୍ଦ୍ରକରି ସ୍ତମ୍ଭ ଲେଖିବାର ଏକ ନୂତନ ପରମ୍ପରା ଆରମ୍ଭ କଲେ ଏବଂ ତାଙ୍କ ପରେ ହରେକୃଷ୍ଣ ମହତାବ ଦୈନିକ 'ପ୍ରଜାତନ୍ତ୍ର' (୧୯୪୭, ୮ ଅଗଷ୍ଟ) ତାଙ୍କ ରଚିତ ସ୍ତମ୍ଭ 'ଗାଁ ମଜ୍‌ଲିସ୍' ହେଉଛି ସ୍ତମ୍ଭର ପ୍ରକୃତ ସଂଜ୍ଞା ବହନ କରୁଥିବା ପ୍ରଥମ ସ୍ତମ୍ଭ ମାତ୍ର ଏହାର ବହୁ ପୂର୍ବରୁ ସ୍ତମ୍ଭର ଆଦ୍ୟ ବିନ୍ଦୁ ଅଙ୍କୁରିତ ହୋଇଥିଲା ଯାହାର ଏକ ପ୍ରକୃଷ୍ଟ ଉଦାହରଣ ଭାବେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଡ଼ଗର' (୧୯୩୭) ରେ ଧାରାବାହିକ ଭାବେ ସମ୍ପାଦକୀୟରେ ପ୍ରକାଶ ପାଉଥିବା 'ବିଲୁଆ ବିଚାର'କୁ ନିଆଯାଇପାରେ ।

**(୩) ପ୍ରବାସୀ ଓଡ଼ିଆ ସ୍ତମ୍ଭକାର :**

ସାହିତ୍ୟରେ 'ପ୍ରବାସୀ'ର ପ୍ରସଙ୍ଗ ଆସିଲେ ଗୋଟିଏ କଥା ସ୍ୱତଃ ମନକୁ ଆସେ ଯେକୌଣସି ସାହିତ୍ୟକୁ ଆମେ 'ପ୍ରବାସୀ ସାହିତ୍ୟ' ରୂପେ ସେତେବେଳେ ଅଭିହିତ କରିଥାଉ, ସ୍ୱ-ଜନ୍ମଭୂମିରୁ ଦୂରରେ ରହି ଯଦି କୌଣସି ଲେଖକ ଜନ୍ମଭୂମିର ଭାଷା, ସାହିତ୍ୟ,ସମାଜ କିମ୍ବା ସମାଜ ସଚେତନତା ପ୍ରତି ସମ୍ବେଦନଶୀଳ ତଥା ଯତ୍ନଶୀଳ ନିଜକୁ ମନେକରି ପ୍ରବାସରେ ଥାଇ ମଧ୍ୟ ନିଜର ସୃଜନକର୍ମ ଜାରି ରଖିଥାନ୍ତି । ଏହି 'ପ୍ରବାସୀ ସାହିତ୍ୟ'କୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା । ପ୍ରଥମତଃ ପ୍ରବାସରେ ରହି ରଚନା କରୁଥିବା ସାହିତ୍ୟ ଦ୍ୱିତୀୟତଃ ପ୍ରବାସରୁ ଫେରି ରଚନା କରୁଥିବା ସାହିତ୍ୟ । ଯେହେତୁ ଏ ଉଭୟ ସାହିତ୍ୟ କୃତିରେ ଥାଏ ପ୍ରବାସର ପ୍ରତ୍ୟକ୍ଷ ଅନୁଭବ ଏବଂ ଦୃଷ୍ଟିକୋଣ ଏ ଉଭୟ ସାହିତ୍ୟ ତେଣୁ ପ୍ରବାସୀ କଲମର ସାହିତ୍ୟ । ଏହି ବିଚାରରେ ସ୍ତମ୍ଭ ସାହିତ୍ୟକୁ ବିଚାର କଲେ ଆମେ ଦେଖୁ ଓଡ଼ିଶା ବାହାରେ ଏବଂ ଭାରତ ବାହାରେ ରହି ଏକାଧିକ ସ୍ତମ୍ଭକାର ଓଡ଼ିଶାର ଖବରକାଗଜ ପାଇଁ ସ୍ତମ୍ଭ ଲେଖିଛନ୍ତି ଏବଂ ଲେଖୁଛନ୍ତି ।

ଏକାଧିକ ପ୍ରଭାଗର ସ୍ତମ୍ଭ ମଧ୍ୟରୁ ପ୍ରବାସୀ ଓଡ଼ିଆ ସ୍ତମ୍ଭକାରମାନଙ୍କ ଦ୍ୱାରା ରଚିତ ଓଡ଼ିଆ ସ୍ତମ୍ଭ ବିଶେଷ ଭାବରେ ଓଡ଼ିଆ ସ୍ତମ୍ଭ ସାହିତ୍ୟର ପରମ୍ପରାରେ ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ । ସ୍ତମ୍ଭକାରଙ୍କ ହସ୍ତରେ ଅନେକାଂଶରେ ସମାଜର ସଦ୍ୟ ଆବଶ୍ୟକତା ଏବଂ ତାର ଆଶୁ ସମାଧାନର ସୂତ୍ର ଥାଏ । ସେହି ହେତୁ ସ୍ତମ୍ଭକାର ହେଉଛନ୍ତି ଏକମାତ୍ର ସ୍ରଷ୍ଟା ଯିଏ କଲମରେ ତତ୍କାଳୀନ ସମସ୍ୟାକୁ ପ୍ରତିବାଦ ଏବଂ ସମାଧାନର ମନ୍ତ୍ର ସ୍ୱକୃତ ସ୍ତମ୍ଭରେ ପ୍ରଦାନ କରିଥାନ୍ତି ।

ସ୍ତମ୍ଭକାରଙ୍କ ନିକଟରେ ଥାଏ ଅଧିକ ଜାତି ପ୍ରୀତି ଏବଂ ମାଟି ମୋହ । ଯାହାଫଳରେ ସେ ସେ ଜନ୍ମଭୂମି ଠାରୁ ଦୂରରେ ରହି ନିଜ ଜାତିର ଅସ୍ମିତା ପ୍ରତି ଥାଆନ୍ତି ଶତତ ଚିନ୍ତା ପାରାୟଣ । ତେବେ ଏହି ପରିପ୍ରେକ୍ଷୀରେ ବିଚାର କଲେ ଯଦିଓ କେତେଜଣ ପ୍ରମୁଖ ସ୍ତମ୍ଭକାର ପ୍ରବାସରେ ଥିବା ବେଳେ ଅଥବା ପ୍ରବାସରେ ଥାଇ ଖବରକାଗଜ ପୃଷ୍ଠାରେ ସ୍ତମ୍ଭ ଲେଖି ଓଡ଼ିଆ ଖବରକାଗଜକୁ ସମୃଦ୍ଧ କରିଛନ୍ତି । କେତେକଙ୍କ ସ୍ତମ୍ଭରେ ଓଡ଼ିଆ ଜୀବନ ଜାତିର ବିଷୟ ପ୍ରତିଫଳିତ ହେଉଥିବା ବେଳେ ଆଉ କେତେକଙ୍କ ସ୍ତମ୍ଭରେ 'ପ୍ରବାସ'ର ଚିତ୍ର ପ୍ରତି'ଳିତ ମାତ୍ର ଏ ସମସ୍ତ ସ୍ତମ୍ଭଗୁଡ଼ିକ ଓଡ଼ିଆ ଖବରକାଗଜରେ ପ୍ରକାଶିତ । ତେବେ ଏହି ସ୍ତମ୍ଭମାନଙ୍କ ମଧ୍ୟରୁ ସେହି ସ୍ତମ୍ଭଗୁଡ଼ିକ ଅଧିକ ଶକ୍ତିଶାଳୀ ମନେହୁଏ ଯେଉଁ ଗୁଡ଼ିକରେ ଜାତୀୟ ଜୀବନ ତଥା ମାତୃଭୂମିର ବିକାଶ ଏବଂ ସମୃଦ୍ଧିର ବାର୍ତ୍ତା ନିହିତ ଥାଏ । ଏ ଭିତରୁ ରାଧାନାଥ ରଥ (୮ ଫେବୃଆରୀ ୧୯୨୦- ୨୯ ଅକ୍ଟୋବର ୨୦୧୪)ଙ୍କ 'ବିଲାତ ଡ଼ାଏରୀ' (୧୯୪୬- ୪୯ ଇଂଲଣ୍ଡ ରହଣି ଆଧାରିତ)ସ୍ତମ୍ଭ ଯାହା 'ସମାଜ' ଖବରକାଗଜର ଦୈନିକ ସ୍ତମ୍ଭରେ ପ୍ରକାଶିତ । ଯାହା ୨୦ ଗୋଟି ପରିଚ୍ଛେଦରେ ବିଭାଜିତ । ସେ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ମନସ୍ତତ୍ତ୍ୱବିତ୍ ଭାବରେ ପରିଚିତ ଏବଂ ସର୍ବପ୍ରଥମେ ସେ ଅଧ୍ୟାପକ ଭାବେ ରେଭେନ୍ସା କଲେଜରୁ କାମ ଆରମ୍ଭ କରିଥିଲେ । ତାଙ୍କରି ପ୍ରଚେଷ୍ଟାରେ ହିଁ ପ୍ରଥମେ ରେଭେନ୍ସାରେ ମନସ୍ତତ୍ତ୍ୱ ବିଭାଗ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗ ଖୋଲାଇ ଥିଲା । ଏହାପରେ ୧୯୪୯ ମସିହାରେ ସେ ପ୍ରଥମ ଓଡ଼ିଆ ଭାବେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ମନସ୍ତତ୍ତ୍ୱରେ ଡକ୍ଟରେଟ ଡିଗ୍ରୀ ଲାଭ କରିଥିଲେ ।

'ବିଲାତ ଡ଼ାଏରୀ' ସଂକଳନସ୍ଥ ପ୍ରତ୍ୟେକଟି ସ୍ତମ୍ଭାଲେଖ୍ୟରେ ମୁଖ୍ୟ ବିଶେଷତ୍ୱ ହେଉଛି ଏଥିରେ ସେ ଭାରତୀୟ ବିଧି ବ୍ୟବସ୍ଥା ସହ ପ୍ରବାସ ଅର୍ଥାତ୍ ବିଲାତର ବିଧି ବ୍ୟବସ୍ଥାର ଏକ ସୂକ୍ଷ୍ମ ତୁଳନାତ୍ମକ ବିଶ୍ଳେଷଣ ଏଥିରେ ପ୍ରଦାନ କରିଛନ୍ତି । ଉଭୟ ଭଲ ଏବଂ ମନ୍ଦ ଉଭୟ ଦିଗ ଉପରେ ସ୍ତମ୍ଭକାର ଶ୍ରୀ ରଥ ଆଲୋକପାତ କରିଛନ୍ତି । ସ୍ତମ୍ଭ 'ବିଲାତ ନାରୀ-ଶିକ୍ଷା ସ୍ୱାଧିନତା-କର୍ମକୁଶଳତା'ରେ ସେ କହୁଛନ୍ତି:- "ଯୁଦ୍ଧ ସମୟରେ ସେଠାକାର ସ୍ତ୍ରୀଲୋକମାନେ ଯେପରି କାମ କରିଥିଲେ, ଆମେମାନେ କଳ୍ପନା କରିପାରିବୁ ନାହିଁ । ନିଆଁ ଲିଭାଇବା, ରାସ୍ତା ସଫା କରିବା, ରୋଗୀମାନଙ୍କୁ ଡ଼ାକ୍ତରଖାନା ନେବା ଠାରୁ ଆରମ୍ଭକରି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ ପ୍ରକାର କାମ ସ୍ତ୍ରୀ ଲୋକମାନେ କରି ପାରୁଥିଲେ । ଆମ ଦେଶ ହୋଇଥିଲେ ଯେ ନିଶ୍ଚୟ ପରାସ୍ତ ହୋଇଥାଆନ୍ତା ଏଥିରେ ସନ୍ଦେହ ନାହିଁ ।" ('ବିଲାତ ଡ଼ାଏରୀ'-ପୃ-୯୨) ଏହା ମାଧ୍ୟମରେ ସେ ଭାରତୀୟ ସମାଜକୁ ବିଶେଷ କରି ନାରୀମାନଙ୍କୁ ଅନୁରୂପେ ଏକ ଶିକ୍ଷା ପ୍ରଦାନ କରୁଛନ୍ତି ଯେ ଆମକୁ ପାଶ୍ଚାତ୍ୟ ଦେଶମାନଙ୍କ ପରି ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କୃଷ୍ଟତା ପ୍ରତିପାଦନ କରିବାକୁ ହେଲେ ସର୍ବପ୍ରଥମେ ନାରୀମାନଙ୍କୁ ହିଁ ଅଗ୍ରଗାମୀ ହେବାକୁ ହେବ । ସେହିପରି 'ଖବରକାଗଜ' ଶୀର୍ଷକସ୍ଥ ସ୍ତମ୍ଭରେ ସ୍ତମ୍ଭକାର ଦର୍ଶାଇଛନ୍ତି:- "ବିଲାତରେ ଖବରକାଗଜ ଗୋଟିଏ ପ୍ରଧାନ ବ୍ୟବସାୟ । ସମସ୍ତେ ଚଉଦ ପନ୍ଦର ବର୍ଷ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷା ପାଇଥିବାରୁ ଖବରକାଗଜ ପଢ଼ିବାରେ କୌଣସି ଅସୁବିଧା ହୋଇନଥାଏ । ଜଣାଯାଏ ଯେ ଶତକରେ ପଂଚାନବେ ଭାଗ ଲୋକ ଖବରକାଗଜ କିଣିଥାନ୍ତି ।"

('ବିଲାତ ଡ଼ାଏରୀ'-ପୃ-୧୧୬)

ଆଧୁନିକ ସମାଜର ଗଣଶିକ୍ଷା ପାଇଁ ସର୍ବପ୍ରଥମ ଆନୁସଙ୍ଗିକ ହେଉଛି ଖବରକାଗଜ ତେବେ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ଠାରୁ ଏହି ଶିକ୍ଷା ଭାରତ ଶିଖିବା ଉଚିତ । ସବୁଠାରୁ ଆକର୍ଷଣୀୟ ତଥା ବିଚାର ଯୋଗ୍ୟ କଥା ହେଉଛି ଉକ୍ତ 'ଖବରକାଗଜ' ଶୀର୍ଷକ ସ୍ତମ୍ଭରେ ସ୍ତମ୍ଭକାର ରାଧାନାଥ ରଥ ବିଲାତର ଖବରକାଗଜରେ ପ୍ରକାଶିତ ଲେଖାମାନଙ୍କ ସମ୍ପର୍କରେ ଉକ୍ତ ସ୍ତମ୍ଭରେ ଆଲୋଚନା କରିବା ପ୍ରସଙ୍ଗରେ କହୁଛନ୍ତି:- "ଶ୍ରମିକ ଦଳର ମୁଖପତ୍ର 'ଡ଼େଲି ହେରାଲଡ଼' ଯାହାର କାଟତି ଦିନକୁ ୨୧ ଲକ୍ଷ ୪୦ ହଜାର ଡ଼ନାଲଡ଼ସନ୍ (ଜଣେ ସାଧାରଣ ଲୋକ ମାତ୍ର)ର ଛାଡ଼ପତ୍ର କଳଙ୍କ ବିଷୟରେ ଏବଂ ତାର ପୂର୍ବ ଓ ପର ସ୍ତ୍ରୀର ଫୋଟ ସହ ବିଶଦ ବିବରଣୀ ୧୨ଇଂଚ (ସ୍ତମ୍ଭ ଧାଡ଼ିର ମାପ) ବାହାରି ଥିବା ସ୍ଥଳେ ଚାଇନାର ଗୃହଯୁଦ୍ଧ ବନ୍ଦ ବିଷୟରେ ଚାଏଙ୍ଗକାଇଶେକଙ୍କର ସନ୍ଧି ପ୍ରସ୍ତାବ ବିଷୟରେ ଦେଢ଼ ଇଂଚ (ସ୍ତମ୍ଭ ଧାଡ଼)ସ୍ଥାନ ଦିଆଯାଇଥାଏ ।" ('ବିଲାତ ଡ଼ାଏରୀ'-ପୃ-୧୧୯) ଉପରୋକ୍ତ ଉଦ୍ଧୃତିରୁ ସ୍ପଷ୍ଟ ଆକଳନ କରିହୁଏ ଯେ ସ୍ତମ୍ଭିକ ରଥଙ୍କର ସ୍ତମ୍ଭ ରଚନା ଏବଂ ସ୍ତମ୍ଭର ଆକାର ତଥା ପରିସର ସମ୍ପର୍କରେ ଯଥେଷ୍ଟ ବୋଧ ଶକ୍ତି

ଥିଲା । 'ପ୍ରବାସ'ରେ ରଚିତ ସ୍ତମ୍ଭ ଗୁଡ଼ିକର ସ୍ୱତନ୍ତ୍ରତା ହେଉଛି ଅନ୍ୟାନ୍ୟ ସ୍ତମ୍ଭାଲେଖ୍ୟରେ ଆମେ ଯେକୌଣସି ସମସ୍ୟା ଏବଂ ତାର ସମାଧାନର ଏକ ଆନୁମାନିକ ସମାଧାନର ସୂତ୍ର ଆମେ ପାଇଥାଉ ମାତ୍ର ପ୍ରବାସୀ ସ୍ତମ୍ଭକାରମାନଙ୍କ ସ୍ତମ୍ଭରେ ଥିବା ସମାଧାନ ଅଧିକ ଯୁକ୍ତିଯୁକ୍ତ ଏବଂ ଅନୁଭବସିଦ୍ଧ କାରଣ ଏଥିରେ ଥାଏ ତାଙ୍କର ପ୍ରତ୍ୟେକ୍ଷ ଅନୁଭବ ଏବଂ ଅନୁଭୂତି । ଏତଦ୍ ବ୍ୟତୀତ ସଂକଳନସ୍ଥ ଆଉ ଶକ୍ତିଶାଳୀ ସ୍ତମ୍ଭ ହେଉଛି 'ଇଂଲଣ୍ଡରେ ଭାରତୀୟ' ଯେଉଁଥିରେ କି ସ୍ତମ୍ଭକାର ଇଂଲଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ସେ କହିଛନ୍ତି ଶିକ୍ଷା, ବ୍ୟବସାୟୀ, ସରକାରଙ୍କ ପ୍ରେରିତ ପ୍ରତିନିଧି ଦଳଙ୍କୁ ଛାଡ଼ି ଇଂଲଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଡାକ୍ତରଙ୍କ ସଂଖ୍ୟା ଅଧିକ ।

ସେହିପରି ଶ୍ରୀ ଗୋଲୋକ ବିହାରୀ ଧଳ (୧୫ ଡ଼ିସେମ୍ବର ୧୯୨୧- ୨୪ ଜୁନ୍ ୧୯୭୪)ଙ୍କ 'ଲଣ୍ଡନ ଚିଠି' ଯାହା ଦୈନିକ 'ପ୍ରଜାତନ୍ତ୍ର'ରେ ସ୍ତମ୍ଭାକାରରେ ପ୍ରଥମେ ପ୍ରକାଶିତ ଏବଂ ଏଥିରେ ୩୭ଗୋଟି ପରିଚ୍ଛେଦ ରହିଛି । ଏ ଭିତରୁ 'ସାହେବୀ ଶିଷ୍ଟାଚାର' ଶ୍ରୀଯୁକ୍ତ ଧଳଙ୍କ ମନ୍ତବ୍ୟ ଜାତି ନିମନ୍ତେ ଖୁବ୍ ଆବଶ୍ୟକ ଯେ :- "ସହାନୁଭୂତି ସମବେଦନା ସଭ୍ୟତାର ଚରମ ଲକ୍ଷଣ । ଦରିଦ୍ର ଅଶିକ୍ଷିତ ଦେଶରେ ତାର ଅଭାବ ଖୁବ୍ ବେଶି ।" ('ଲଣ୍ଡନ ଚିଠି'- ପୃ-୪୮) ଏଠାରେ ଦରିଦ୍ର ଅଶିକ୍ଷିତ ଦେଶ ହେଉଛି ଭାରତ ଏବଂ ସହାନୁଭୂତି ସମବେଦନା ରହିତ ଦେଶ ହେଉଛି ଇଂଲଣ୍ଡ । ପ୍ରବାସରେ ରହି ନିଜର ପ୍ରତ୍ୟେକ୍ଷ ଅନୁଭବକୁ ଉକ୍ତ ସ୍ତମ୍ଭ ମାଧ୍ୟମରେ ଶ୍ରୀଯୁକ୍ତ ଧଳ ବ୍ୟକ୍ତ କରୁଛନ୍ତି ଯେ ସହାନୁଭୂତି ସମବେଦନା କିପରି ଏକ ରାଷ୍ଟ୍ରର ଜାତୀୟ ଉନ୍ନତି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ଯାହା ଆମ ଦେଶରେ ଘୋର ଅଭାବ ଏବଂ ଏହି ପରିପ୍ରେକ୍ଷୀରେ ସେ କୁହନ୍ତି:- "ଆମ ଦେଶରେ ଠାକୁର ଠାକୁରାଣୀଙ୍କୁ ସିନା ଛେଳିମେଣ୍ଢାଙ୍କ ରକ୍ତ ଦିଅନ୍ତି, ସାଧାରଣ ଜୀବନ ପାଇଁ ରକ୍ତ ଦେବ କିଏ ?" ('ଲଣ୍ଡନ ଚିଠି'-ପୃ-୪୮) ଏହା ମଧ୍ୟ 'ବିଲାତ ଡ଼ାଏରୀ' ପରି ଏକ ଶକ୍ତିଶାଳୀ ସ୍ତମ୍ଭ । ଯଦି କେହି ଏହି ରଚନା ଗୁଡ଼ିକୁ କେବଳ ଭ୍ରମଣ କାହାଣୀ କହି ଏହାକୁ ସୀମାବଦ୍ଧ କରି ଦିଅନ୍ତି ତାହା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ କାରଣ ଉକ୍ତ ରଚନାଗୁଡ଼ିକରେ ଭ୍ରମଣ କାହାଣୀ କହିବାର ପ୍ରବାହ (Flow) କମ୍ ଦେଖାଯାଏ ଏବଂ ଜଣେ ସଚେତନ ସ୍ତମ୍ଭକାରର ଦାୟିତ୍ୱ (Responsibility) ଅଧିକ ବାରି ହୁଏ । ଏହି ଧରଣର ଆଉ ଏକ ସ୍ତମ୍ଭ ହେଉଛି ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ରଚିତ 'ମୋ ପରି ଆଉ ଜଣେ' ଯାହା ୨୦୧୩ ରେ ପୁସ୍ତକ ଆକାରରେ ପ୍ରକାଶିତ । ଏହା ପୂର୍ବରୁ ଏଗୁଡ଼ିକ 'ଧରିତ୍ରୀ'ରେ ସ୍ତମ୍ଭାକାରରେ ୨୦୦୫- ୨୦୦୮ ମଧ୍ୟରେ ପ୍ରକାଶ ପାଇଥିଲା । ଏଥିରେ ସ୍ଥାନିତ ସ୍ତମ୍ଭଗୁଡ଼ିକ ଲେଖକଙ୍କର ଆମେରିକା ରହଣି ସମୟର ।

ସୁତରାଂ ପ୍ରବାସୀ ସ୍ତମ୍ଭକାରଙ୍କ ଆଲୋଚନା ପ୍ରସଙ୍ଗରେ ଯାହାଙ୍କୁ ସର୍ବାଗ୍ରେ ସ୍ମରଣ କରାଯାଏ ସେ ହେଉଛନ୍ତି ମନୋଜ ଦାସ (୨୭ ଫେବୃଆରୀ ୧୯୩୪- ୨୭ ଅପ୍ରେଲ ୨୦୨୧)ଙ୍କର କେବଳ ସ୍ତମ୍ଭ ନୁହେଁ ୧୯୬୩ ପରବର୍ତ୍ତୀ ପ୍ରତ୍ୟେକଟି କୃତି ପ୍ରବାସରେ । ଅର୍ଥାତ୍ ୧୯୬୩ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପଣ୍ଡିଚେରୀରେ ଅର୍ଥାତ୍ ଜନ୍ମଭୂମି ଠାରୁ ଦୂରରେ ପ୍ରବାସ ରହି ରଚନା କରିଛନ୍ତି । ତାଙ୍କ ସ୍ତମ୍ଭ ସମ୍ପର୍କରେ ଏକଦା 'Odisha News Times' ରେ ପ୍ରକାଶ ପାଇଥିଲା "He wrote columns on quest for finding eternal truth in common lives in india's national dailies." ଅର୍ଥାତ୍ ସାଧାରଣ ଜୀବନର ଅନନ୍ତ ସତ୍ୟ ଖୋଜିବା ପାଇଁ ସେ ସ୍ତମ୍ଭ ଲେଖୁଥିଲେ । ତେଣୁ ତାଙ୍କର ସ୍ତମ୍ଭ ହେଉଛି ଏକ ଅନ୍ୱେଷଣ ସାଧାରଣ ଜୀବନ ତଥା ଜଗତ ସମ୍ପର୍କରେ ।

କେବଳକ ଯେ 'ସମାଜ', 'ଧରିତ୍ରୀ', 'ଅନୁପମ ଭାରତ', 'ଜନଶକ୍ତି'ରେ ଯେ ସ୍ତମ୍ଭ ଲେଖୁଥିଲେ ତାହା ନୁହେଁ ବରଂ 'Thought'ରେ 'Currents and Counters' ନାମକ ସ୍ତମ୍ଭ 'Yuva Bharat'ରେ 'Horizons' ନାମକ ସ୍ତମ୍ଭ 'Milestone'ରେ 'On the Tides of Time' ନାମକ ସ୍ତମ୍ଭ 'Times of India' ଏବଂ 'Hindustan Times'ରେ ମଧ୍ୟ ସେ ସ୍ତମ୍ଭ ରଚନା କରୁଥିଲେ । 'The Banyan Tree' ନାମରେ ଏକ ନିୟମିତ ସ୍ତମ୍ଭ 'The Hindu' ରେ ସେ ଲେଖୁଥିଲେ । ଏତଦ୍ ବ୍ୟତୀତ ମନୋଜ ଦାସ ସ୍ୱ-ସମ୍ପାଦିତ 'The Heritage' ପତ୍ରିକାର ସମ୍ପାଦକୀୟ ପାଇଁ ମଧ୍ୟ ଥିଲେ ସୁ-ବିଖ୍ୟାତ । 'କେତେ ଦିଗନ୍ତ' ଯାହା 'ଜନଶକ୍ତି'ରେ ପ୍ରକାଶ ପାଉଥିବା ସ୍ତମ୍ଭାଲେଖ୍ୟ ଯାହା ପୁସ୍ତକ ଆକାରରେ ପ୍ରକାଶ ପାଇଛି ୧୯୮୬ ସେପ୍ଟେମ୍ବରରେ, ଏଥିପାଇଁ ସେ ଲାଭ କରିଛନ୍ତି ୧୯୮୯ରେ ମର୍ଯ୍ୟାଦା ଜନକ ସାହିତ୍ୟ ଏକାଡ଼େମୀ ପୁରସ୍କାର । ଯେଉଁପରି 'କେତେ ଦିଗନ୍ତ' ସ୍ତମ୍ଭ 'ଜନଶକ୍ତି'ରେ ପ୍ରକାଶ ପାଉଥିଲା । ସେହିପରି 'ସନ୍ଧାନ ଓ ସମୀକ୍ଷା' ନାମରେ ଏକ ସ୍ତମ୍ଭ ୧୯୬୯ରେ ସେ ଆରମ୍ଭ କଲେ 'ସମାଜ'ରେ । 'ବିପୁଳାଚ ପୃଥ୍ୱୀ' 'ଦୈନିକ ସମ୍ବାଦ'ରେ ପ୍ରକାଶ ପାଉଥିଲା । ପ୍ରବାସରେ ରହି ଜଣେ ଓଡ଼ିଆ ସ୍ତମ୍ଭକାର ଭାବରେ ଶ୍ରୀ ମନୋଜ ଦାସ ଉଭୟ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟରେ ସ୍ତମ୍ଭ

ରଚନା କରି ନିଜ ଜନ୍ମଭୂମି ପାଇଁ ସାଉଁଟିଛନ୍ତି ଅନେକ ସମ୍ମାନ ଏବଂ ପ୍ରଶଂସା । ଯେହେତେ ଆଧାତ୍ମିକ ଚେତନାରେ ଶ୍ରୀଯୁକ୍ତ ଦାସଙ୍କ ଚିନ୍ତାଧାରା ଆଚ୍ଛାଦିତ ସେହି ନ୍ୟାୟରେ ତାଙ୍କର ଭାଷା ଶୈଳୀରେ ମଧ୍ୟ ଅନୁରୂପେ ଏହାର ଏକ ବିଶେଷ ପ୍ରଭାବ ଲକ୍ଷ୍ୟ କାରାଯାଏ । ରଚନା ଯେକୌଣସି ଧରଣର ହେଉ ଶ୍ରୀଯୁକ୍ତ ଦାସଙ୍କ ଭାଷାରେ ଥାଏ ଭିନ୍ନ ମହତ୍ୱ ।

୧୯୫୯ ମସିହା ଦୈନିକ 'ସମାଜ' ଖବରକାଗଜରେ ତାଙ୍କ ରଚିତ ସ୍ତମ୍ଭ 'ବିଶୃଙ୍ଖଳା ଓ ବିଶ୍ଳେଷଣ'ରୁ ଆଦୃତ:- "ସେ ଆଲୋଚନାର ବିସ୍ତୃତ ବିବରଣୀ ପରିବେଷଣ କରିବାର ଅବକାଶ ନାହିଁ । ତେବେ ତାଙ୍କ ମତରେ ଆଜି ବହୁରୂପୀ ସଂକଟର ଯେଉଁ ଦିଗଟି ସର୍ବାଧିକ ଭୟାବହ ଓ ଶୋଚନୀୟ, ତାହାହେଲା ଯୁବ ବିଶୃଙ୍ଖଳା । କହିବା ବାହୁଲ୍ୟ ତାଙ୍କର ଏ ସିଦ୍ଧାନ୍ତରେ ଚମକପ୍ରଦ କିଛି ନାହିଁ । କିନ୍ତୁ ଯେଉଁ ପ୍ରକାର ବିଶ୍ଳେଷଣାତ୍ମକ ପରିପ୍ରେକ୍ଷୀରେ ଯେଉଁ ପ୍ରକାର ମର୍ମସ୍ପର୍ଶୀ ଆନ୍ତରିକତା ସହକାରେ ସେହି ବିଚକ୍ଷଣ, ବିଦଗ୍ଧ ମନୀଷୀ ତାଙ୍କର ବେଦନା ଦାୟକ ପର୍ଯ୍ୟବେକ୍ଷଣଟି ପ୍ରକାଶ କଲେ ତାହା ସମସ୍ୟାଟିର ଗୁରୁତ୍ୱ ସମ୍ପର୍କରେ ଏ ଲେଖକକୁ ନୂଆ ଭାବରେ ସଚେତନ କରାଇଦେଲା । ତାଙ୍କ ସିଦ୍ଧାନ୍ତର ଦ୍ୱିତୀୟ ପର୍ଯ୍ୟାୟ ହେଲା,'ଆଜି ସମାଜରେ ସବୁକିଛି ଅଛି; ନାହିଁ କେବଳ ନେତୃତ୍ୱ ।"(ମନୋଜ ସୃଜନୀ ସମଗ୍ର,ପ୍ରଥମ ଭାଗ-ପୃ-୪୩) ପ୍ରବାସରେ ଥାଇ ମଧ୍ୟ ସେ ଓଡ଼ିଶାର ବିକାଶ, ଯୁବଶକ୍ତି ପାଇଁ ଥିଲେ ସତତ ଚିନ୍ତିତ । ଯେତେବେଳେ ସେ ଦେଖିଛନ୍ତି ସ୍ୱ-ଜାତିର ସାଂସ୍କୃତିକ ଅବକ୍ଷୟ ସେତେବେଳେ ସଂସ୍କୃତି ସହ ଆଜିର ମଣିଷକୁ ପରିଚିତ କରିବା ଏବଂ ସଂସ୍କୃତିର ମୂଲ୍ୟ ଏବଂ ମହତ୍ତ୍ୱକୁ ପ୍ରତିପାଦିତ କରିବା ପାଇଁ ସେ ପ୍ରୟାସ କରିଛନ୍ତି ସ୍ୱ-ରଚିତ ସ୍ତମ୍ଭରେ । କାରଣ ସେ ଅନୁଭବ କରିଥିଲେ ମନୁଷ୍ୟ ଯେତେବେଳେ ଛିନ୍ନମୂଳ ଏବଂ ବସ୍ତୁବାଦୀ ହୋଇଯିବ ସେତେବେଳେ ମନୁଷ୍ୟ ନିଜ ଜୀବନର ସମସ୍ତ ସୁଖ ଶାନ୍ତିକୁ ହରାଇ ବସିବ ଯାହା ଆଧୁନିକ ମଣିଷ ବୁଝେନି । ତେଣୁ ମନୋଜ ଦାସ ନିଜର ଅଧିକାଂଶ ସ୍ତମ୍ଭରେ ସାଂସ୍କୃତିକ ପୁନଃ-ନିର୍ମାଣ ପାଇଁ ପ୍ରୟାସୀ । ପ୍ରବାସରେ ରହି ସ୍ୱ-ବାସ ଏବଂ ସ୍ୱ-ଜାତିର ମହତ୍ୱକୁ ତାର ଭୌଗଳିକ ପରିସୀମାର ବାହାରେ ଗରିମାମଣ୍ଡିତ (Glorify) କରିଛନ୍ତି ଶ୍ରୀଯୁକ୍ତ ଦାସ । ଯେହେତୁ ତାଙ୍କର ପ୍ରତ୍ୟେକ ସ୍ତମ୍ଭ ପ୍ରବାସରେ ରଚିତ ତେଣୁ କେବେ କେବେ ଦେଖାଯାଏ ଶ୍ରୀ ଦାସ ସ୍ତମ୍ଭରେ ଲେଖୁଥିବା ସ୍ଥାନର ସ୍ୱୀକାରୁକ୍ତି ମଧ୍ୟ ପ୍ରଦାନ କରିଛନ୍ତି ଯେମିତିକି 'ଦେଢ଼ଦିନର ଡ଼ାଏରୀ' ସ୍ତମ୍ଭ ଆରମ୍ଭରେ ସେ ଲେଖୁଛନ୍ତି:- "ସିଙ୍ଗାପୁରରୁ ଲେଖୁଛି । ଏଥର ଆସିଛି ସିଙ୍ଗାପୁର ସରକାରଙ୍କ ଶିକ୍ଷା ବିଭାଗର ଅନୁରୋଧ କ୍ରମେ । ନିମନ୍ତ୍ରଣ ଥିଲା ଜରୁରୀ ।" (ମନୋଜ ସୃଜନୀ ସମଗ୍ର, ପ୍ରଥମ ଭାଗ-ପୃ-୫୮୬) ଉକ୍ତ ସ୍ତମ୍ଭରେ ଆମେ ଦେଖିବା ସିଙ୍ଗାପୁରର ଶିକ୍ଷା ବ୍ୟବସ୍ଥା କ୍ୟାମ୍ବ୍ରିଜ ଅନୁମୋଦନ କରିଥିବା ଶିକ୍ଷା ବ୍ୟବସ୍ଥାକୁ ଏବଂ ହିନ୍ଦୁ-ପରମ୍ପରା ଭାବରେ ଯାହାସବୁ ସିଲାବସ୍‌ରେ ଯାହା ରହିବା କଥା ତାହା ଠିକ୍ ଠାକ୍ ରହିଛି କି ନାହିଁ ସେ ବିଷୟରେ ଅନୁଧ୍ୟାନ କରି ମନ୍ତବ୍ୟ ଦେବା ପାଇଁ ହିଁ ଲେଖକଙ୍କର ସିଙ୍ଗାପୁର ଗ୍ରସ୍ଥ । ସେ କହୁଛନ୍ତି:- "ଏଠାକାର ଶିକ୍ଷା ସଚିବାଳୟ ଭିତରକୁ ପଶିଗଲେ କର୍ମଚାରୀମାନଙ୍କ ସୌଜନ୍ୟ ଏବଂ ସମଗ୍ର କୋଠର ପରିଚ୍ଛନ୍ନତାରେ ମୁଗ୍ଧ ହେବାକୁ ହୁଏ । ଦେଢ଼ ଦିନ ମାତ୍ର ଅତୀତ ହୋଇଛି । ଏହାରି ଭିତରେ ସେମାନଙ୍କର ଯେତିକି ପରିଚୟ ପାଇଛି, ସେଥିରେ ସେମାନଙ୍କ ପ୍ରତି ଶ୍ରଦ୍ଧା ବଢ଼ିଛି ।" (ମନୋଜ ସୃଜନୀ ସମଗ୍ର,ପ୍ରଥମ ଭାଗ-ପୃ-୫୮୮) ଏବଂ ଉକ୍ତ ସ୍ତମ୍ଭରେ ଶେଷରେ ସେ କହୁଛନ୍ତି ଯେ ସମୃଦ୍ଧି ସେମାନଙ୍କୁ ଉଦ୍ଧତ କରି ନାହିଁ । ଏମାନେ ଭବିଷ୍ୟତ କଥା ଚିନ୍ତା କରୁଛନ୍ତି ରାସ୍ତା ଖୋଜୁଛନ୍ତି । ଏ ପର୍ଯ୍ୟନ୍ତ ହୁଏତଃ ଠିକ୍ ରାସ୍ତା ପାଇ ନାହାନ୍ତି; କିନ୍ତୁ ଅନ୍ୱେଷଣର ଆଗ୍ରହ ହିଁ ଏକ ଜୀବନ୍ତ ଜାତିର ପରିଚୟ । ଯାହା ଏମାନେ ଜାରି ରଖିଛନ୍ତି । ଏହାରି ଭିତରଦେଇ ସେ ପ୍ରବାସରେ ଥାଇ ପ୍ରବାସର ଅଭିଜ୍ଞତା ଆଧାରରେ ନିଜ ସ୍ୱ-ବାସର ସମାଜକୁ, ବ୍ୟକ୍ତି ତଥା ଜାତିକୁ ଅନ୍ୟାନ୍ୟ ଉନ୍ନତିଶୀଳ ଜାତି ପରି ଅଗ୍ରଗାମୀ ହେବାକୁ ହେଲେ ଅନ୍ୱେଷଣର ଆଗ୍ରହ ରଖିବାକୁ ପରୋକ୍ଷରେ ଶିକ୍ଷା ପ୍ରଦାନ କରିଛନ୍ତି । ସ୍ତମ୍ଭକାର ଭାବରେ ମନୋଜ ଦାସ ହେଉଛନ୍ତି ଜଣେ ଜାତୀୟ ଶିକ୍ଷକ । ପ୍ରବାସରେ ଥାଇ ମଧ୍ୟ ସେ ବିପୁଳ ପରିମାଣରେ ସ୍ତମ୍ଭ ରଚନାକରି ଓଡ଼ିଆର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଏହିପରି ଭାବରେ ପ୍ରବାସରେ ରହି ସ୍ତମ୍ଭ ରଚନା କରିଛନ୍ତି ସ୍ତମ୍ଭକାର ଜଗନ୍ନାଥ ପ୍ରସାଦ ଦାସ (୨୬ ଅପ୍ରେଲ ୧୯୩୬)ଙ୍କର 'ଆମ ଭାଷା ଆମ ସଂସ୍କୃତି', ପୁସ୍ତକରେ ସ୍ଥାନିତ ଲେଖାଗୁଡ଼ିକ ସମ୍ବାଦ ଖବରକାଗଜରେ ପ୍ରଥମେ ପ୍ରକାଶ ପାଇଥିଲା । 'ଆମ ଓଡ଼ିଆ ଆମର ଓଡ଼ିଶା' ଏହି ସଂକଳନସ୍ଥ ସ୍ତମ୍ଭଗୁଡ଼ିକ ବିଭିନ୍ନ ଖବରକାଗଜରେ ମିଶିମାଶି ପ୍ରକାଶିତ । ପ୍ରବାସରେ ଥାଇ ମଧ୍ୟ ଜାତି ପ୍ରତି ମମତ୍ୱବୋଧ ତାଙ୍କ ପୁସ୍ତକର ନାମକରଣରୁ ବାରି ହୋଇପଡ଼େ । 'ଭୂତ ପ୍ରେତ ଓ ବୈଦିକ ବିଜ୍ଞାନ' ସ୍ତମ୍ଭରେ କୁହନ୍ତି :- "ଆମେରିକା ହେଉଛି ବିଜ୍ଞାନ କ୍ଷେତ୍ରରେ ଗୋଟେ ଅତି ପ୍ରଗତୀଶୀଳ ଦେଶ, କିନ୍ତୁ ଏଠାର ଲୋକମାନେ ଅଦ୍‌ଭୂତ ଭାବେ ବିଭିନ୍ନ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ । ମତ ଗଣନାର ଜଣାଯାଇଛି ନିମ୍ନ ପ୍ରତିଶତ ଆମେରିକୀୟ

ବିଭିନ୍ନ ଅସମ୍ମତ କୁସଂସ୍କାରରେ ବିଶ୍ୱାସ ରଖନ୍ତି । ସ୍ୱର୍ଗର ଅସ୍ତିତ୍ୱ ୭୫ ପ୍ରତିଶତ, ଭୂତପ୍ରେତ ୪୨, ମିରାକ୍‌ଲ ବା ଚମତ୍କାର ୭୬, ଈଶ୍ୱର ଓ ଦେବାଦେବୀ ୮୨, ପୁନର୍ଜନ୍ମ ୨୦, ଜ୍ୟୋତିଷ ଓ ଭବିଷ୍ୟବାଣୀ ୩୦ ପ୍ରତିଶତ ।" ('ଆମ ଭାଷା ଆମ ସଂସ୍କୃତି'-ପୃ-୧୦୭-୦୮) ପ୍ରବାସର ଅନୁଭବ ଏବଂ ଅନୁଭୂତି ହିଁ ପ୍ରବାସୀ ସ୍ତମ୍ଭକାରମାନଙ୍କ ସ୍ତମ୍ଭକୁ ଅଧିକ ବୈଜ୍ଞାନିକ ତଥା ଯୁକ୍ତିସିଦ୍ଧ କରି ଗଢ଼ି ତୋଳିବାରେ ସହାୟକ ହୁଏ । ଯାହାକି ଆମେ ଆମେ ଶ୍ରୀଯୁକ୍ତ ଦାସଙ୍କ ଉକ୍ତ ସ୍ତମ୍ଭ ଦ୍ୱାରା ଜାଣିବାକୁ ପାଇଲେ ଯେ ସର୍ବଦା ଆମେ ଭାବିଥାଉ ଆମେରିକା ଯେହେତୁ ଏକ ପ୍ରଗତିଶୀଳ ରାଷ୍ଟ୍ର ଏଠାରେ ଅନ୍ଧବିଶ୍ୱାସର ସ୍ଥାନ ନଥିବ ମାତ୍ର ଏହି ଅଜ୍ଞତା ଦୂରହୁଏ ଜେ.ପି ଦାସଙ୍କ ସ୍ତମ୍ଭ ମାଧ୍ୟମରେ ।

ଦୈନିକ 'ସମ୍ବାଦ'ରେ ରାଜେନ୍ଦ୍ର ନାରାୟଣ ଦାସ (ଫେବୃଆରୀ ୪,୧୯୪୦)ଙ୍କର ସ୍ତମ୍ଭ ସଂକଳନ ଗୁଡ଼ିକ ହେଉଛି 'କହି ବସିଲେ ବହୁତ କଥା' ଓ 'ସ୍ମୃତିରେ କଟକ' ଯେଉଁଗୁଡ଼ିକ କି ସେ ପ୍ରବାସ ଅର୍ଥାତ୍ ଜର୍ମାନରେ ଥାଇ ଓଡ଼ିଶାର ଖବରକାଗଜ ପାଇଁ ରଚନା କରିଥାନ୍ତି । ଯେଉଁ ସ୍ତମ୍ଭ ଗୁଡ଼ିକରେ ପ୍ରକାଶିତ ପ୍ରବାସୀ ହୃଦୟର ଆବେଗ ବିଧୁର ଜାତୀୟତା ତଥା ଜୀବନର ଶିକ୍ଷା, ସ୍ୱାସ୍ଥ୍ୟ ତଥା ରାଜନୀତି ନିମନ୍ତେ ଗଭୀର ଚିନ୍ତା ।

ସେହିପରେ ଜଣେ ଜଣେ ଜନପ୍ରିୟ ସ୍ତମ୍ଭକାର ହେଉଛନ୍ତି ଡକ୍ଟର ଭଗବାନ ପ୍ରକାଶ ଯିଏକି ୭୦ରୁ ଅଧିକ ଦେଶ ଭ୍ରମଣ କରିଛନ୍ତି ଏବଂ ଏ ସମସ୍ତ ଦେଶର ପତ୍ୟୋକ୍ଷ ଅନୁଭବକୁ କେନ୍ଦ୍ର କରି ସେ ରଚନା କରିଛନ୍ତି ଏକାଧିକ ସ୍ତମ୍ଭ । ପ୍ରବାସ ରହଣିର ସୂକ୍ଷ୍ମ ତଥା ପ୍ରତ୍ୟୋକ୍ଷ ଅନୁଭବରେ ସମୃଦ୍ଧ ଏକ୍ତ ସ୍ତମ୍ଭଗୁଡ଼ିକରେ ତାଙ୍କର ଗଭୀର ପ୍ରବାସୀ ଦୃଷ୍ଟିକୋଣର ସମୀକ୍ଷଣ ପ୍ରତିଫଳିତ । ତାଙ୍କ ରଚିତ ପ୍ରସିଦ୍ଧ ସ୍ତମ୍ଭ ସଂକଳନ ହେଉଛି 'ଦ୍ୱିତୀୟ ପୃଥିବୀ' ଏବଂ 'ବିକଳ୍ପ ବିଶ୍ୱ' । 'ଦ୍ୱିତୀୟ ପୃଥିବୀ' ସଂକଳନରେ ସ୍ଥାନିତ 'ବିଦେଶୀ, ପ୍ରବାସୀ ଓ ଶରଣାର୍ଥୀଙ୍କ ଦେଶ' ସ୍ତମ୍ଭରେ ସେ ସେ କହୁଛନ୍ତି :- "ମୁଁ କାଲିଫର୍ଣ୍ଣିଆରେ ଥିଲାବେଳେ ବାଟରେ, ଘାଟରେ, ମର୍ଲ, ମାର୍କେଟ, ମନ୍ଦିର, କାର୍ଯ୍ୟାଳୟ, କମ୍ପାନୀ, ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ଏପରିକି ସୁଇମିଙ୍ଗ ପୁଲ୍ ଓ ଖେଳପଡ଼ିଆରେ ଶ୍ୱେତକାୟଙ୍କ ଅପେକ୍ଷା ଅନ୍ୟମାନଙ୍କ ସଂଖ୍ୟା ଦଶଗୁଣା ଅଧିକ ଦେଖିବାକୁ ପାଇଛି । ୧୮୪୮ ମସିହା ପ୍ରବାସୀଙ୍କ ଲହଡ଼ିରେ କାଲିଫର୍ଣ୍ଣିଆକୁ ଆସିଥିଲେ ୮୫୦୦୦ ବିଦେଶୀ । ୧୯୪୦ ବେଳକୁ ଏଠାରେ ଲୋକସଂଖ୍ୟାଠାରୁ ଅଧାରୁ ଅଧିକ ଥିଲେ ବିଦେଶୀ । ଯାହା ଫଳରେ ସମଗ୍ର ଆମେରିକା ଏବେ ପାଲଟିଛି ବିଦେଶୀ, ପ୍ରବାସୀ ଏବଂ ଦେଶାନ୍ତରୀଙ୍କ ଦେଶ ।" ('ଦ୍ୱିତୀୟ ପୃଥିବୀ'-ପୃ-୨୭୦) ସ୍ତମ୍ଭକାର ଭଗବାନପ୍ରକାଶ ଏହିପରି ତାଙ୍କର ଏକାଧିକ ସ୍ତମ୍ଭରେ ପ୍ରବାସୀ ଜୀବନ ତଥା ପ୍ରବାସ ରହଣି କାଳର ପ୍ରତ୍ୟୋକ୍ଷ ଅନୁଭବ ଏବଂ ଅନୁଭୂତିକୁ ଆଧାର କରି ଦୃଢ଼ ତଥ୍ୟ ସମେତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଦାନ କରିଥାନ୍ତି ।

ସେହିପରି 'ଦରିଆ ପାରିରୁ' ଶୁଭଶ୍ରୀ ଦାସଙ୍କର 'ସମାଜ' ଖବରକାଗଜ ସ୍ତମ୍ଭରେ ପ୍ରକାଶିତ । ଯେଉଁଗୁଡ଼ିକ କି ସେ ଆମେରିକାରୁ ଥାଇ ରଚନା କରିଥାନ୍ତି ଓଡ଼ିଶାରୁ ପ୍ରକାଶିତ ଓଡ଼ିଆ ଖବରକାଗଜ ପାଇଁ । 'ଦରିଆ ପାରିରୁ' ପୁସ୍ତକ ପ୍ରଚ୍ଛଦରୁ ଉଦ୍ଧୃତ ଧାଡ଼ି କେତୋଟିରୁ ଲେଖିକାଙ୍କର ପ୍ରବାସରେ ମାଟିମନସ୍କ ହେବାର ଅଭିପ୍ରାୟ ସ୍ପଷ୍ଟ ବାରି ହୁଏ :- "ମାଟି ମନସ୍କ ଝିଅଟି । ଜନ୍ମମାଟି ଓଡ଼ିଶା ଛାଡ଼ି ସେ ବିଦେଶ ଭୂଇଁରେ କର୍ମରତ । ଅବିରତ ସେ ଲେଖିଚାଲେ । 'କାହିଁକି ଲେଖେ ଆଉ କେତେବେଳେ ଲେଖେ' ପଚାରିଲେ ହସିଦିଏ । କୁହେ, 'ମୁଁ ବିଦେଶରେ ଥାଏ, କିନ୍ତୁ ମୋ ଆତ୍ମା ବନ୍ଧା ପଡ଼ିଥାଏ ଦେଶରେ" । ସୁତରାଂ ସ୍ୱର୍ଣକାତର ସ୍ରଷ୍ଟାଟିଏ ହିଁ ପ୍ରବାସରେ ବେଶି ବେଶି ମାଟିମନସ୍କ ହୁଏ ସେହି ମାଟିମନସ୍କତା ହିଁ ତାଙ୍କୁ ଜାତିପ୍ରତି ନିଷ୍ପାପର ଭାବେ ଚିନ୍ତା କରିବାକୁ । 'ଥ୍ୟାଙ୍ଗ୍ ଗିଭିଙ୍ଗରୁ ବାଲିଯାତ୍ରା','ଆମେରିକା ମଲ୍ଲୀରେ ଆଇ ବଗିଚାର ବାସ୍ନା', 'ନାଲି ଡ଼ାକବାକ୍ସରୁ ଇମେଲ', 'ମା ମାତୃଭୂମି', 'ଗାନ୍ଧି ଗ୍ରାଣ୍ଡପା' ଏହା ବ୍ୟତୀତ ଶୁଭଶ୍ରୀ ଦାସଙ୍କ ସମସ୍ତ ସ୍ତମ୍ଭ ଉଭୟ ଦେଶ ଏବଂ ବିଦେଶ ପ୍ରସଙ୍ଗ ଆଧାରିତ ।

ମୁଖ୍ୟତଃ ସ୍ୱ-ବାସୀ ସ୍ତମ୍ଭ ଠାରୁ ପ୍ର-ବାସୀ ସ୍ତମ୍ଭକାରଙ୍କ ଦ୍ୱାରା ରଚିତ ସ୍ତମ୍ଭ ଅଧିକ ବିସ୍ତାରିତ ଏବଂ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ । ପ୍ରବାସୀ ସ୍ତମ୍ଭକାରମାନେ ବିଶ୍ୱ ଜୀବନର ଏକ ବୃହତ୍ତର ଦିଗ ଜାତି ନିକଟରେ ଉପସ୍ଥାପିତ କରି ଜାତିକୁ ଜାଗରିତ କରିବା ଦିଗରେ ପ୍ରୟାସ କରିଥାନ୍ତି । ବିଶେଷ ଭାବରେ ପ୍ରବାସୀ ସ୍ତମ୍ଭକାରମାନଙ୍କର ସ୍ତମ୍ଭ ସର୍ବଦା ସାର୍ବକାଳୀକ ଯୁକ୍ତି ତଥା ତଥ୍ୟ ଉପରେ ପର୍ଯ୍ୟବେଶିତ ଏବଂ ଜାତୀୟ ଜୀବନର ଉନ୍ନତି ସାଧନ କ୍ଷେତ୍ରରେ ଅଧିକ ଉପଯୋଗୀ ।

**ସହାୟକ ଗ୍ରନ୍ଥସୂଚୀ :**


ଓଡ଼ିଶାରେ ସାମ୍ବାଦିକତାର ଇତିହାସ, ଡ଼. ମୃଣାଳ ଚାଟାର୍ଜୀ, ଢ଼େଙ୍କାନାଳ, ଶେଫାଳୀ କମ୍ୟୁନିକେସନ୍, ପ୍ରଥମ ସଂସ୍କରଣ-୨୦୧୫

ଗଣମାଧ୍ୟମ ଓ ସାମ୍ବାଦିକତା, ଡ଼. ମୃଣାଳ ଚାଟାର୍ଜୀ, ଢ଼େଙ୍କାନାଳ, ଶେଫାଳୀ କମ୍ୟୁନିକେସନ୍, ପ୍ରଥମ ସଂସ୍କରଣ-୧୯୯୮

ଓଡ଼ିଶାର ଭାଷା ଆନ୍ଦୋଳନ, ପ୍ରଫେସର ଡକ୍ଟର ବଂଶୀଧର ଷଡ଼ଙ୍ଗୀ, କଟକ, ପ୍ରକାଶକ-ବିନୋଦ ବିହାରୀ,ପ୍ରଥମ ସଂସ୍କରଣ-୨୦୦୧

ସମ୍ବାଦ ପ୍ରସଙ୍ଗ, ଡ଼. ମୃଣାଳ ଚାଟାର୍ଜୀ, ଢେ଼ଙ୍କାନାଳ, ଭାରତୀୟ ଜନ ସଂଚାର ସଂସ୍ଥାନ, ପ୍ରଥମ ସଂସ୍କରଣ-୨୦୧୫

ସମ୍ବାଦ ପ୍ରସଙ୍ଗ (ଓଡ଼ିଆ ସାମ୍ବାଦିକତା ପରିଚୟ ଓ ପରିକ୍ରମା), ଡ଼. ମୃଣାଳ ଚାଟାର୍ଜୀ, ଢେ଼ଙ୍କାନାଳ, ଭାରତୀୟ ଜନ ସଂଚାର ସଂସ୍ଥାନ, ପ୍ରଥମ ସଂସ୍କରଣ-୨୦୦୩

**ପରିଶିଷ୍ଟ :**

'ଶେଷ ସ୍ତମ୍ଭ', ସୁରେନ୍ଦ୍ର ମହାନ୍ତି- କଟକ,ପ୍ରକାଶକ-କାହାଣୀ ପ୍ରକାଶନୀ, ପ୍ରଥମ ପ୍ରକାଶ-୧୯୮୯

'ଆମ ଭାଷା ଆମ ସଂସ୍କୃତି', ଜଗନ୍ନାଥ ପ୍ରସାଦ ଦାସ, ଭୁବନେଶ୍ୱର, ପ୍ରକାଶକ- ଶିକ୍ଷା ପ୍ରକାଶନୀ-୨୦୧୫

'ବିଲାତ ଡ଼ାଏରୀ', ରାଧାନାଥ ରଥ, କଟକ, ବକ୍ସିବଜାର – ଗୋପବନ୍ଧୁ ସାହିତ୍ୟ ମନ୍ଦିର-୧୯୫୦

'ଲଣ୍ଡନ ଚିଠି', ଶ୍ରୀ ଗୋଲୋକ ବିହାରୀ ଧଳ, କଟକ, ପ୍ରକାଶକ- ଫ୍ରେଣ୍ଡସ୍ ପବ୍ଲିଶର୍ସ-୧୯୭୨ 'ମନୋଜ ସୃଜନୀ ସମଗ୍ର', ପ୍ରଥମ ଭାଗ –ମନୋଜ ଦାସ, କଟକ, ଗ୍ରନ୍ଥମନ୍ଦିର-୨୦୦୭

'ଆମ ଭାଷା ଆମ ସଂସ୍କୃତି', ଜଗନ୍ନାଥ ପ୍ରସାଦ ଦାସ, ଭୁବନେଶ୍ୱର, ପ୍ରକାଶକ-ଶିକ୍ଷା ପ୍ରକାଶନୀ-୨୦୧୫

'ମୋ ପରି ଆଉ ଜଣେ' - ଅଭୟ ଦ୍ୱିବେଦୀ, ଭୁବନେଶ୍ୱର, ପ୍ରକାଶକ- ପକ୍ଷୀଘର ପବ୍ଲିକେଶନ, ପ୍ରଥମ ପ୍ରକାଶନ-୨୦୧୩

'ଦ୍ୱିତୀୟ ପୃଥିବୀ', ଡ଼କ୍ଟର ଭଗବାନ ପ୍ରକାଶ- ଭୁବନେଶ୍ୱର, ପ୍ରକାଶକ-ଆମ ଓଡ଼ିଶା, ପ୍ରଥମ ପ୍ରକାଶ-୨୦୧୮

'ଦରିଆ ପାରିରୁ....', ଶୁଭଶ୍ରୀ ଦାସ, କଟକ, ବାଲୁବଜାର,- ପ୍ରକାଶକ-ବିଦ୍ୟାପୁରୀ -୨୦୧୮

'ଝିଟିପିଟି କହେ', ପ୍ରମୋଦ କୁମାର ମହାପାତ୍ର (ସଂ) – କଟକ, ବକ୍ସିବଜାର- ଗୋପବନ୍ଧୁ ସାହିତ୍ୟ ମନ୍ଦିର ୧୯୯୬

www.macmillandictionary.com
(https://www.oercommons.org>lesson )
https://www.google.com/
search?q=column+meaning

ଗବେଷିକା, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,କେନ୍ଦୁଝର
ଦୂରଭାଷ :୯୬୬୮୬୪୮୨୮୨